# NATIONAL NEWS BULLETIN (ODIA)
## 9 April - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ସ୍ଲୋଭାକ୍ ରିପବ୍ଲିକ୍ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ବ୍ରାଟିସ୍ଲାଭା ଠାରେ ରାଷ୍ଟ୍ରପତି ସ୍ତରୀୟ ଆଲୋଚନା ଅନୁଷ୍ଠିତ ।
- ଜଳ ପରିଚାଳନାର ଆଧୁନିକୀକରଣ ସମେତ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଆଜି ମିଳିଲା କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- ଗ୍ରାମାଞ୍ଚଳ ଓ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ନୀତି ପ୍ରଣୟନ କରାଯିବା ଉପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଆମେରିକାରୁ ଆମଦାନୀ ହେଉଥିବା ସମସ୍ତ ପ୍ରକାର ଉତ୍ପାଦ ଉପରେ ଅତିରିକ୍ତ ୮୪ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଚୀନ୍‌ର ଘୋଷଣା ।

ଏବଂ

- ଆଜି ଆଇପିଏଲ୍‌ରେ ଟସ୍ ଜିତି ଗୁଜରାଟ ଟାଇଟନ୍ସ ବିପକ୍ଷରେ ପ୍ରଥମେ ଫିଲ୍ଡିଂ କରିବାକୁ ରାଜସ୍ଥାନ ରୟାଲ୍ସର ନିଷ୍ପତ୍ତି ।

## ଚେକ୍-ସ୍ଲୋଭାକିଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ତାଙ୍କର ସ୍ଲୋଭାକ୍ ରିପବ୍ଲିକ୍ ପ୍ରତିପକ୍ଷ ପିଟର ପେଲେଗ୍ରିନିଙ୍କ ସହିତ ବ୍ରାଟିସ୍ଲାଭା ଠାରେ ଆପୋଷ ସ୍ୱାର୍ଥ ଜଡ଼ିତ  କେତେକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ସମେତ ଦ୍ୱିପକ୍ଷିୟ ସମ୍ପର୍କର ବିଭିନ୍ନ ଦିଗରେ ଉପରେ ଏକ ପ୍ରତିନିଧିସ୍ତରୀୟ ଆଲୋଚନା କରିଛନ୍ତି । ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ରାଷ୍ଟ୍ରପତି ପେଲେଗ୍ରିନିଙ୍କର ବ୍ୟକ୍ତିଗତ ପ୍ରତିବଦ୍ଧତା ଏବଂ ଉଦ୍ୟମକୁ ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରତିନିଧି ସ୍ତରୀୟ ବୈଠକରେ ଭାରତ ପକ୍ଷରୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ନିମୁବେନ୍ ବାମ୍ଭାନିୟାଙ୍କ ସମେତ ସାଂସଦ ଧବଲ ପଟେଲ୍, ସନ୍ଧ୍ୟା ରାୟ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ସ୍ଲୋଭାକିଆ ପ୍ରତିପକ୍ଷଙ୍କ ସହିତ ଦ୍ୱିପକ୍ଷିୟ ସମ୍ପର୍କକୁ ନେଇ ବ୍ୟକ୍ତିଗତ ଭାବେ ଆଲୋଚନା କରିଛନ୍ତି । ଏହି ଅବସରରେ ସ୍ଲୋଭାକିଆରେ ଭାରତୀୟ କଳା ଓ ସଂସ୍କୃତିର କ୍ରମବର୍ଦ୍ଧିଷ୍ଣୁ

ଲୋକପ୍ରିୟତାକୁ ଶ୍ରୀମତୀ ମୁର୍ମୁ ପ୍ରଶଂସା କରିବା ସହିତ ଗଣମାଧ୍ୟମ, ମନୋରଂଜନ ଏବଂ ଚଳଚ୍ଚିତ୍ର ନିର୍ମାଣ ଆଦି କ୍ଷେତ୍ରରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଗାମୀ ମେ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ ୱେଭସ୍‌ରେ ସକ୍ରିୟ ଅଂଶଗ୍ରହଣ କରିବା ଲାଗି ଶ୍ରୀମତୀ ମୁର୍ମୁ ସ୍ଲୋଭାକିଆକୁ ଏହି ଅବସରରେ ନିମନ୍ତ୍ରଣ କରିଛନ୍ତି ।

## କ୍ୟାବିନେଟ୍ ବ୍ରିଫିଙ୍ଗ୍

ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ତୀରୁପତି-ପକାଲା-କାଟପାଡ଼ି ସିଙ୍ଗଲ ରେଳବାଇ ଲାଇନ୍ ସେକ୍ସନ୍‌କୁ ଦୋହରିକରଣ କରାଯିବା ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ  କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ଏହି ପ୍ରକଳ୍ପ ମାଧ୍ୟମରେ ଭେଲୋର ଓ ତୀରୁପତି ମଧ୍ୟରେ ଶିକ୍ଷାନୁଷ୍ଠାନ ଏବଂ ଡାକ୍ତରଖାନାକୁ

ସଂଯୋଗୀକରଣ ବ୍ୟବସ୍ଥା ସୁସଂହତ କରାଯାଇ ପାରିବ । ଆନ୍ଧ୍ରପ୍ରଦେଶର ଚିତ୍ତୋର ଓ ତୀରୁପତି ଜିଲ୍ଲା ଏବଂ ତାମିଲନାଡୁର ଭେଲୋର ଜିଲ୍ଲାର ପ୍ରାୟ ୪୦୦ ଗ୍ରାମର ୧୪ ଲକ୍ଷ ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ । ଏଥିଲାଗି ୧ ହଜାର ୩୩୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । କୋଇଲା, କୃଷିଜାତ ଦ୍ରବ୍ୟ, ସିମେଣ୍ଟ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଭଳି ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟର ପରିବହନ ଲାଗି ଏହି ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଧମ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେହିଭଳି ପଞ୍ଜାବ ଓ ହରିଆଣାର ୧୯ ଦଶମିକ୍ ୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୬ ଥାକିଆ ଜିରାକପୁର ବାଇପାସ୍ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଏଥିଲାଗି ୧ ହଜାର ୮୭୮ରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ । ଏହି ବାଇପାସ୍ ନିର୍ମାଣ କରାଯିବା ଦ୍ୱାରା ଜିରାକପୁର, ପଞ୍ଚକୁଲା ଓ ଏହାର ସଂଲଗ୍ନ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରାଯାଇ ପାରିବ । ଏଥିସହିତ ଏହା ହିମାଚଳ ପ୍ରଦେଶକୁ ମଧ୍ୟ ସିଧାସଳଖ ସଂଯୋଗ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଆଜି କ୍ୟାବିନେଟ୍‌ରେ ନିଆଯାଇଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ କମାଣ୍ଡ ଅଞ୍ଚଳ ବିକାଶ

ଏବଂ ଜଳ ପରିଚାଳନାର ଆଧୁନିକୀକରଣ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏଥିଲାଗି ୧ ହଜାର ୬୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି ପ୍ରାଥମିକ ଆକଳନ କରାଯାଇଛି । ସେ କହିଛନ୍ତି, ଏହାଦ୍ୱାରା ପ୍ରତି ଡ୍ରପ୍ ପାଣିରେ ଚାଷୀମାନେ ଅଧିକ ଶସ୍ୟ ଅମଳ କରିବାରେ ସଫଳ ହୋଇପାରିବେ ।

# ସିବିଡିଟି

ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାର ବିବାଦରୁ ବିଶ୍ୱାସ ଯୋଜନା ଅଧୀନରେ ଟିକସ ବକେୟା ଘୋଷଣାପତ୍ର ଚଳିତମାସ ଶେଷ ସୁଦ୍ଧା ଦାଖଲ କରାଯାଇ ପାରିବ । କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ସିବିଡିଟି କହିଛି, ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ନିକଟରେ ଚଳିତମାସ ଶେଷ ସୁଦ୍ଧା ଘୋଷଣାକାରୀ ସେମାନଙ୍କର ବକେୟା ଟିକସ ଦାଖଲ କରିପାରିବେ ।

# ଗଡ଼କରୀ

ଗ୍ରାମାଞ୍ଚଳର ଦୁର୍ବଳ ବର୍ଗ ଏବଂ ଚାଷୀମାନଙ୍କ କଲ୍ୟାଣ ସାଧନ କରିପାରୁଥିବା ନୀତି ପ୍ରଣୟନ ଉପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ କିଶାନ୍ କୁମ୍ଭ ୨୦୨୫ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି, ଗ୍ରାମାଞ୍ଚଳ ଭାରତ ଉପରେ ଅଧିକ ଧ୍ୟାନ ଦେଇ ନୀତି ପ୍ରଣୟନ କରାଗଲେ ସେଠାକାର ଯୁବବର୍ଗ ଏବଂ ଜନସାଧାରଣ ନିଯୁକ୍ତି ଲାଗି ସହରାଭିମୁଖୀ ହେବେ ନାହିଁ । ତେବେ କୃଷକମାନେ ଆଧୁନିକ ଜ୍ଞାନକୌଶଳକୁ ଆପଣାଇବା ସହିତ ନିଜର ଦକ୍ଷତା ଏବଂ ଅଭିଜ୍ଞତାକୁ ପରସ୍ପର ମଧ୍ୟରେ ବିନିମୟ କରିବା ଉପରେ ସେ ଜୋର୍ ଦେଇଛନ୍ତି । ଏହାଦ୍ୱାରା ଆତ୍ମନିର୍ଭର ଭାରତ ଗଠନ ପ୍ରକ୍ରିୟା ଅଧିକ ସୁସଂହତ ହୋଇପାରିବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

# ପୋଷଣ ପଖୱାଡ଼ା

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପୋଷଣ ପଖୱାଡ଼ା ୨୦୨୫ ପାଳନ ଗତକାଲି ଠାରୁ ଆରମ୍ଭ କରାଯାଇଛି । ଦେଶ ବ୍ୟାପି ଦେଖାଯାଉଥିବା ଅପପୁଷ୍ଟି ସମସ୍ୟାର ଦୂରୀକରଣ ନିମନ୍ତେ ସରକାରଙ୍କ

ପକ୍ଷରୁ ଆରମ୍ଭ କରାଯାଇଥିବା ପୋଷଣ ପଖୱାଡାର ଏହି ସପ୍ତମ ସଂସ୍କରଣ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ପୁଷ୍ଟି ଜନିତ ଜନସଚେତନତା ସୃଷ୍ଟି କରିବା ସହିତ ସୁସ୍ଥ ରହିବା ଏବଂ ଗୋଷ୍ଠୀଗତ ସଶକ୍ତିକରଣ କରିବା ହେଉଛି ଏହି ପୋଷଣ ପଖୱାଡା ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବ୍ୟକ୍ତିଗତ ତଥା ସାମୂହିକ ଭାବେ ସୁସ୍ଥ ରହିବାର ବିଭିନ୍ନ ପ୍ରକ୍ରିୟା ଅବଲମ୍ବନ କରିବା ଦିଗରେ ଗୋଷ୍ଠୀଗତ ପ୍ରୟାସ ଲାଗି ଆରମ୍ଭ କରାଯାଇଥିବା **ପୋଷଣ ଟୁ ପଏଣ୍ଟ ଜିରୋ** ମିଶନ୍ ଅଧୀନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

# ୟୁଏସ୍ ଟାରିଫ୍

ଯୁକ୍ତରାଷ୍ଟ୍ର ଆମେରିକାରୁ ଆମଦାନୀ ହେଉଥିବା ସମସ୍ତ ପ୍ରକାର ଉତ୍ପାଦ ଉପରେ ଚୀନ୍ ଅତିରିକ୍ତ ୮୪ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି । ଆସନ୍ତାକାଲି ମଧ୍ୟରାତ୍ରିରୁ ଏହି ନୂତନ ଶୁଳ୍କ ଦର ଲାଗୁ ହେବ ବୋଲି ଚୀନ୍‌ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନ୍ ଉତ୍ପାଦ ଉପରେ ୧୦୪ ପ୍ରତିଶତ ଶୁଳ୍କ ଲାଗୁ କରି ଉଚିତ୍ କାର୍ଯ୍ୟ କରି ନାହାନ୍ତି ବୋଲି ଚୀନ୍ ପକ୍ଷରୁ କୁହାଯାଇଛି । ବିଶ୍ୱ ବାଣିଜ୍ୟ କାରବାର, ଯୋଗାଣ ଶୃଙ୍ଖଳ ଓ ଏହାର ସୁରକ୍ଷାକୁ ଆମେରିକା କ୍ଷତି ପହଞ୍ଚାଇଛି ବୋଲି ଚୀନ୍ ପକ୍ଷରୁ ଆଜି ଜାରି

କରାଯାଇଥିବା ଏକ ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଛି । ତେବେ ୱାଶିଂଟନ୍ ସହ ଏ ସମସ୍ୟାର ସମାଧାନ ଲାଗି ବେଜିଂ ଯୋଗାଯୋଗ କରିବାକୁ ଇଚ୍ଛୁକ ବୋଲି ଏଥିରେ କୁହାଯାଇଛି ।

ଅନ୍ୟ ପକ୍ଷରେ ଆମେରିକା ପକ୍ଷରୁ ବିଭିନ୍ନ ଦେଶ ଲାଗି ଲାଗୁ କରାଯାଇଥିବା ଶୁଳ୍କକୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ଲାଗି ଇତିମଧ୍ୟରେ ଦକ୍ଷିଣ କୋରିଆର ବାଣିଜ୍ୟ ମନ୍ତ୍ରୀ ଚିଓଙ୍ଗ ଇନ୍-କିଓ ୱାଂଶିଟନ୍‌ରେ ପହଞ୍ଚିଛନ୍ତି । ଆମେରିକାକୁ ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଏବଂ କାର୍ ବହୁଳମାତ୍ରାରେ ଯୋଗାଉଥିବା ଦକ୍ଷିଣ କୋରିଆର ବ୍ୟବସାୟ ଏଭଳି ଶୁଳ୍କ ବୃଦ୍ଧି ଯୋଗୁଁ ବାଧାପ୍ରାପ୍ତ ହୋଇଛି ।

ସେହିଭଳି ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ଏଭଳି ନିଷ୍ପତ୍ତି ଯୋଗୁଁ ବିଶ୍ୱ ଆର୍ଥିକ ଅଭିବୃଦ୍ଧି ଓ ଏହାର ସ୍ଥିରତା ପ୍ରତି ବିପଦ ଦେଖାଦେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବ୍ୟାଙ୍କ୍ ଅଫ୍ ଇଂଲଣ୍ଡ ପକ୍ଷରୁ ସତର୍କ କରାଯାଇଛି ।

## ଜେକେ-ଏନ୍‌କାଉଣ୍ଟର

ଜାମ୍ମୁ କାଶ୍ମୀରର ଉଦ୍ଧମପୁର ଜିଲ୍ଲାରେ ସୁରକ୍ଷା କର୍ମୀ ଓ ସନ୍ତ୍ରାସବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଆମ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଉଦ୍ଧମପୁର ଜିଲ୍ଲାର ଜୋଫର ଗ୍ରାମରେ ସନ୍ତ୍ରାସବାଦୀମାନେ ଲୁଚି ରହିବାର ଖବର ମିଳିବା ପରେ ସୁରକ୍ଷା କର୍ମୀଙ୍କ

ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଖାନତଲାସି ଆରମ୍ଭ କରାଯାଇଥିଲା । ଉଦ୍ଧମପୁର ପୁଲିସ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ପୋଷ୍ଟରେ ଦିଆଯାଇଥିବା ସୂଚନା ଅନୁଯାୟୀ ପୁଲିସ୍ ଓ ସେଠାରେ ଲୁଚି ରହିଥିବା ତିନି ଜଣ ସନ୍ତ୍ରାସବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ସନ୍ଧ୍ୟା ୫ଟା ସୁଦ୍ଧା ଜାରି ରହିଥିଲା । ଗତ ମାସ ୨୭ ତାରିଖ ଦିନ ସମ୍ପୃକ୍ତ ଅଞ୍ଚଳରେ ଅନୁରୂପ ଗୁଳି ବିନିମୟ ସମୟରେ ଦୁଇ ଜଣ ସନ୍ତ୍ରାସବାଦୀ ନିହତ ହୋଇଥିଲେ ଏବଂ ୫ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ ବୋଲି ଏହି ପୋଷ୍ଟରେ କୁହାଯାଇଛି ।

## ଡୋମିନିକ୍ ରିପବ୍ଲିକ୍

ଡୋମିନିକାନ୍ ରିପବ୍ଲିକ୍‌ର ରାଜଧାନୀ ସାଣ୍ଟୋ ଡୋମିନ୍‌ଗୋରେ ଥିବା ଏକ ନାଇଟ୍ କ୍ଲବ୍‌ର ଛାତ ଭୁଶୁଡ଼ି ପଡ଼ିବା ଜନିତ ମୃତ୍ୟୁ ସଂଖ୍ୟା ୧୧୩କୁ ବୃଦ୍ଧି ପାଇଛି । ଏଥିରେ ଅତିକମ୍‌ରେ ୧୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ପ୍ରାଦେଶିକ ଗଭର୍ଣ୍ଣର ଓକ୍ଟାଭିଓ ଡୋଟେଲ୍ ଅନ୍ତର୍ଭୁକ୍ତ । ଜରୁରୀକାଳୀନ ଅପରେସନ୍ କେନ୍ଦ୍ରର ମୁଖ୍ୟ କହିଛନ୍ତି, ଭଗ୍ନାବଶେଷ ତଳେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସ୍ଥାନୀୟ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ, ଗତକାଲି ଏହି

ବିପର୍ଯ୍ୟୟ ସମୟରେ ନାଇଟ୍ କ୍ଲବ୍‌ରେ ପାଖାପାଖି ହଜାରେ ଲୋକ ରହିଥିଲେ । ରାଜନେତା, କ୍ରୀଡ଼ାବିତ୍ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆୟୋଜିତ ହେଉଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଏହି ଦୁର୍ଘଟଣା ଘଟିଛି । ଉଦ୍ଧାର କାର୍ଯ୍ୟରେ ପାଖାପାଖି ଚାରିଶହ ଜରୁରୀକାଳୀନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଗଣମାଧ୍ୟମ ସୂଚନା ଦେଇଛି । ତେବେ ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଗୁଜରାଟ୍ ଟାଇଟନ୍ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଛି ।

ଗତକାଲି ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍’ କୋଲାକାତା ନାଇଟ୍ ରାଇଡର୍ସଙ୍କୁ ୪ ରନ୍‌ରେ

ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ’ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୧୮ ରନ୍‌ରେ ହରେଇ ଦେଇଥିଲା ।